# ‘ଖରିଫ ପାଇଁ ସ୍ୱତନ୍ତ୍ର ସହାୟତା ମିଳୁ’

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍: ଗତ ରବି ଫସଲ ନଷ୍ଟ ହେବା ସହିତ କରୋନା କଟକଣା ତାଲାବନ୍ଦ ଫଳରେ ଗ୍ରୀଷ୍ମ ଋତୁରେ ଫସଲରେ ଅମଳ ଓ ସୁବିପଣନରେ ବାଧା ଦେଉଛି । ଏଭଳି ସଙ୍ଗିନ ପରିସ୍ଥିତିରେ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଚାଷୀଙ୍କୁ ବିଭିନ୍ନ କୃଷିଭିତ୍ତିକ ସହାୟତା ଯୋଗାଇଦେବା ଅତ୍ୟନ୍ତ ଜରୁରି ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ଚାଷୀଙ୍କୁ ନିର୍ଦ୍ଧାରିତ ସମୟରେ ଆବଶ୍ୟକ ପରିମାଣର ପ୍ରାମାଣିକ ଧାନ, ମକା, କପା, ଚିନାବାଦାମ, ଅଦା, ହଳଦୀ ଓ ହରଡ଼ ବିହନ ପ୍ରଭୃତି ଯୋଗାଇ ଦେବା ସହ ୫୦ ପ୍ରତିଶତ ରିହାତିରେ ସାର ଯୋଗାଣ, ଆଗାମୀ ଫସଲ ଅମଳ ପର୍ଯ୍ୟନ୍ତ ପ୍ରତି ଚାଷୀ ପରିବାରକୁ ମାସିକ ୧୦ ହଜାର ଟଙ୍କା ସ୍ୱତନ୍ତ୍ର ଆର୍ଥିକ ସହାୟତା ଆଦି ଯୋଗାଇ ଦେବାକୁ ସରକାରଙ୍କୁ ନିବେଦନ କରିଛନ୍ତି । କଂଗ୍ରେସ କୃଷକ ସେଲ୍ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ, କାର୍ଯ୍ୟକାରୀ ଉପାଧ୍ୟକ୍ଷ ଶଶିଭୂଷଣ ପାତ୍ର, ସୁଧୀର ପରିଡ଼ା, ସୁବାସ ରାଉତ, ବୃନ୍ଦାବନ ଖଟେଇ, ଅରବିନ୍ଦ ସାମଲ, ଉମେଶ ସାହୁ, ନିମାଇଁ ଚରଣ ଜେନା, ନିରଞ୍ଜନ ବେହେରା, କାର୍ତ୍ତିକ ଚନ୍ଦ୍ର ଦାସ ପ୍ରମୁଖ ରାଜ୍ୟ ସରକାରଙ୍କ ନିକଟରେ ଏ ନେଇ ଦୃଢ଼ ଦାବି କରିଛନ୍ତି ।

ନିତିଦିନ NITIDIN Sat, May 23, 2020
http://odishanewsnitidin.com